## ପରବର୍ତ୍ତୀ ଯତ୍ନ ଏବଂ ଜଳସେଚନ :

ଆଳୁ ଚାଷରେ ମୁଖ୍ୟ କଥା ହେଲା ମାଟିକୁ ବରାବର ହାଲୁକା ରଖିବା । ଗଛଗୁଡ଼ିକ ୫ ଇଞ୍ଚରୁ ୬ ଇଞ୍ଚ ଉଚ୍ଚା ହୋଇଗଲେ ପ୍ରଥମଥର ଲାଗି ମାଟି ଦିଆଯାଏ । ପ୍ରଥମ ହୁଡ଼ା ଦେବାର ୩ ସପ୍ତାହ ପରେ  ୨ୟ ହୁଡ଼ା ଦିଆଯାଏ । ମାଟିର ବତର ଦେଖି ଆବଶ୍ୟକ ଅନୁସାରେ ଜଳସେଚନ କରିବା ଆବଶ୍ୟକ ।

## ରୋଗ ପୋକ ଏବଂ ତାର ପ୍ରତିକାର :

**ଅଗ୍ରିମ ପତ୍ରପୋଡ଼ା ରୋଗ** – ଏହା ଦେଖାଦେଲେ ଏକର ପ୍ରତି ୭୫୦ ଗ୍ରାମ୍ ଡାଇଥେନ୍-ଏମ୍-୪୫ ବ୍ୟବହାର କରିବା ଉଚିତ ।

**ବିଳମ୍ବ ପତ୍ରପୋଡ଼ା ରୋଗ** – ଏହା ଆଳୁ ରୋଗର ମୁଖ୍ୟ ଶତ୍ରୁ । ଏହାର ପ୍ରତିକାର ପାଇଁ ରୋଗ ସହଣୀ କିସମ ବିହନ ବ୍ୟବହାର କରନ୍ତୁ ଏବଂ ଆକ୍ରାନ୍ତ ଫସଲରେ ଏକର ପ୍ରତି ୭୫୦ ଗ୍ରାମ୍ ଡାଇଥେନ ଏମ୍-୪୫ ବ୍ୟବହାର କରିବା ଉଚିତ୍ ।

ଆଳୁ ଫସଲରେ ଆକ୍ରମଣ କରୁଥିବା ପୋକମାନଙ୍କ ମଧ୍ୟରେ କାଙ୍କେଡ଼ିଆ ପୋକ, ଜଉପୋକ, କଟ୍‌ୱାର୍ମ, ଏବଂ ହଳଦିଗୁଣ୍ଡି ପୋକ ଆଳୁ ଫସଲର ବିଶେଷ କ୍ଷତି ଘଟାଇଥାଆନ୍ତି । ଏମାନଙ୍କର ଦମନ ପାଇଁ ଏକର ପ୍ରତି ୨୫୦ ମି.ଲି. ରୋଗର କିମ୍ବା ମେଟାସିଷ୍ଟକ୍ସ ବ୍ୟବହାର କରନ୍ତୁ ।

## ଅମଳ :

ଆଳୁ ଖୋଳିବାର ୧୫ ଦିନ ପୂର୍ବରୁ ଜମିରେ ପାଣି ମଡ଼ାନ୍ତୁ ନାହିଁ । କିସମ୍ ଅନୁଯାୟୀ ଆଳୁ ଲଗାଇବା ଠାରୁ ୮୦ ରୁ ୧୨୦ ଦିନ ମଧ୍ୟରେ ଗଛର ପତ୍ର ହଳଦିଆ ହୋଇଗଲେ ଆଳୁକୁ ଖୋଳାଯାଏ । ଆଳୁ ଖୋଳା ଯନ୍ତ୍ର ଦ୍ୱାରା ଖୋଳିଲେ ଆଳୁର ମାନ ଉତ୍କୃଷ୍ଟତର ହୁଏ । ଖୋଳିବା ପରେ ଆଳୁକୁ ୨୪ ଘଣ୍ଟା ଛାଇରେ ଶୁଖାଇ ଜାଲିଅଖାରେ ରଖିବା ଦରକାର । ଉନ୍ନତ ପ୍ରଣାଳୀରେ ଆଳୁଚାଷ କଲେ ଏକର ପିଛା ୧୦୦ ରୁ ୧୩୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

ଆମ ଠିକଣା : **କୃଷି ବିଜ୍ଞାନକେନ୍ଦ୍ର, ପାନପୋଷ**
ରାଉରକେଲା – ୭୬୯୦୦୪ (ଓଡ଼ିଶା)
ମୋ : ୯୦୪୦୫୭୯୪୫୪

ଉନ୍ନତ ପ୍ରଣାଳୀରେ

# ଆଳୁ ଚାଷ



**ବିଷୟବସ୍ତୁ :**
ଶ୍ରୀ ସଞ୍ଜୟ କୁମାର ପ୍ରଧାନ
ଶ୍ରୀ ପ୍ରଭାତ କୁମାର ସାହୁ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**କମ୍ପ୍ୟୁଟର ସହାୟତା :**
ଶ୍ରୀ ସୋମଦତ୍ତ ମହାନ୍ତି

**ସଂପାଦକ :**
ଶ୍ରୀ ଜୟନ୍ତ କୁମାର ପତି

**କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

## ଉନ୍ନତ ପ୍ରଣାଳୀରେ ଆଳୁ ଚାଷ

ଆଳୁକୁ ପରିବାମାନଙ୍କର ରାଜା କୁହାଯାଏ । ପୃଥିବୀରେ ଆଳୁ ହେଉଛି ସବୁଠାରୁ ପ୍ରଧାନ ପରିବା ଫସଲ । ଏହାର ବ୍ୟବହାର ବହୁଳଭାବେ ହେଉଥିବା ଦୃଷ୍ଟିରୁ ଧାନ, ଗହମ ଓ ମକା ପରି ଏହା ବହୁ ପରିମାଣରେ ଚାଷ କରାଯାଉଛି । ଏହା ବାଇଗଣ, ଟମାଟୋ ଓ ଲଙ୍କାମରିଚ୍ ଗୋଷ୍ଠୀର ଫସଲ । ଏଥିରେ ଶ୍ୱେତସାର ପୁଷ୍ଟିସାର, ଭିଟାମିନ୍ 'ଗ' ଓ ଖଣିଜ ଲବଣ ପ୍ରଚୁର ପରିମାଣରେ ଥାଏ । ଯତ୍ନବାନ ହୋଇ ଏହାର ଚାଷ କଲେ ଭଲ ଅମଳ ମିଳିଥାଏ ଓ ଅଧିକ ଲାଭ ଆସେ ।

### ଜଳବାୟୁ :

ଆଳୁ ସାଧାରଣତଃ ଥଣ୍ଡା ଜଳବାୟୁ ଅଞ୍ଚଳରେ ଚାଷ କରାଯାଏ ବିହନ ଗୁଡ଼ିକ ଗଜା ହୋଇ ବଢ଼ିବା ଲାଗି ପ୍ରଥମେ 22°C ରୁ 24°C ତାପମାତ୍ରା ଆବଶ୍ୟକ ହୋଇଥାଏ ଏବଂ ପରେ କନ୍ଦ ବଢ଼ିବା ଲାଗି 18°C ରୁ 20°C ଆବଶ୍ୟକ ଆମ ରାଜ୍ୟର ଅଧିକାଂଶ ଅଞ୍ଚଳ ଆଳୁଚାଷ ପାଇଁ ଉପଯୁକ୍ତ ।

### ମୃତ୍ତିକା :

ଆଳୁ ସବୁ ପ୍ରକାର ମାଟିରେ ଚାଷ କରାଗଲେ ମଧ୍ୟ ବାଲିଆ, ଦୋରସା ଓ ପଟୁ ଦୋରସା ମାଟି ଯେଉଁଥିରେ କି ଜୈବିକ ଅଂଶ ଉତ୍ତମ ପରିମାଣରେ ଥାଏ ତାହା ଆଳୁ ଲାଗି ଉତ୍କୃଷ୍ଟ ଅଟେ, ଜମି ସନ୍ତସନ୍ତିଆ ନହୋଇ ନିଗିଡା ହେବା ଆବଶ୍ୟକ ।

### ଆଳୁର କିସମ :

| ସଅଳ କିସମ | ମଧ୍ୟମ କିସମ | ବିଳମ୍ବ କିସମ |
|---|---|---|
| କୁଫ୍ରି ଚନ୍ଦ୍ରମୁଖୀ | କୁଫ୍ରି ସିନ୍ଦୂରୀ (ସଅଳ ପତ୍ର ପୋଡ଼ା ସହଣୀ) | କୁଫ୍ରିଦେବା |
| କୁଫ୍ରି ଅଶୋକା | କୁଫ୍ରି ଲାଲିମା | କୁଫ୍ରି ମେଘା |
| କୁଫ୍ରି ଜବାହର | କୁଫ୍ରି ଚିପ୍‌ସୋନା | |
| | କୁଫ୍ରି ଜ୍ୟୋତି (ବିଳମ୍ବ ପତ୍ରପୋଡ଼ା ସହଣୀ) | |
| | କୁଫ୍ରି ସ୍ୱର୍ଣ୍ଣ | |
| | କୁଫ୍ରି ବାଦଶାହ (ବିଳମ୍ବ ପତ୍ରପୋଡ଼ା ସହଣୀ) | |

### ବିହନ ପରିମାଣ :

ବିହନ ଆଳୁଟି (Tuber) ଅନ୍ୟୁନ 15-20 ଗ୍ରାମ୍ ଓଜନର ହେବା ଉଚିତ୍ । ଏହା ଯଦି ବଡ଼ ହୋଇଥାଏ ଖଣ୍ଡ ଖଣ୍ଡ କରି କାଟି ଲଗାଯାଏ ଯେପରି ପ୍ରତି ଖଣ୍ଡରେ ୨-୩ଟି ଆଖି ରହେ । ଏକର ପ୍ରତି ହାରାହାରି ୮ ରୁ ୧୦ କ୍ୱିଣ୍ଟାଲ ଆଳୁ କନ୍ଦ ଦରକାର ହୋଇଥାଏ ।

### ଲଗାଇବାର ସମୟ :

ସଅଳ କିସମ ଆଳୁ ସେପ୍ଟେମ୍ବର ୧୫ ତାରିଖ ଆଡ଼କୁ ଲଗାଯାଇଥାଏ । କିନ୍ତୁ ମୁଖ୍ୟ ଫସଲ ଅକ୍ଟୋବର ମାସରେ ଲଗାଯାଇଥାଏ । ଆମ ଓଡ଼ିଶାରେ ୨୫ ଅକ୍ଟୋବରରୁ ୧୦ ନଭେମ୍ବର ହେଉଛି ଆଳୁ କନ୍ଦ ଲଗାଇବାର ଉପଯୁକ୍ତ ସମୟ ।

### ଜମି ପ୍ରସ୍ତୁତି ଓ ଚାଷ ପ୍ରଣାଳୀ :

ଆଳୁ ଲଗାଇବାର ପୂର୍ବରୁ ଜମିକୁ ୭/୮ ଥର ଓଡ଼ ଚାଷକରିବା ଉଚିତ୍ ଏବଂ ମାଟିରୁ ଗୁଣ୍ଡ ଓ ସମତଳ କରିବା ଆବଶ୍ୟକ । ଶେଷ ଓଡ଼ ଚାଷ ପୂର୍ବରୁ ୧୦-୧୨ ଗାଡ଼ି ଶୁଖିଲା ଗୋବର ଖତ ଦେଇଥିଲେ ଆଳୁର ଅମଳ ବଢ଼ିଥାଏ । ଜମିକୁ ସମତଳ କରି ଛୋଟ ଛୋଟ କିଆରି କରି କିଆରି ଭିତରେ ନାଳି କରିବା ଆବଶ୍ୟକ । ନାଳିଗୁଡ଼ିକ ୪୫ ସେ.ମି. ବ୍ୟବଧାନରେ କରିବା ଆବଶ୍ୟକ । ନାଳି ଗୁଡ଼ିକର ୨୦-୨୫ ସେ.ମି. ବ୍ୟବଧାନରେ ଆଳୁ କନ୍ଦ ବିହନକୁ ଡିଥେନ୍ ଏମ୍ ୪୫ରେ ଭଲଭାବେ ବିଶୋଧନ କରି ଲଗାଇବା ଆବଶ୍ୟକ । ଆଳୁ ଗଛ ଉଠିଲା ପରେ ମାଟି ଟେକି ହୁଡ଼ା ଓ ନାଳୀ କରିବା ଆବଶ୍ୟକ ।

### ଖତ ଓ ସାର :

ଆଳୁ ଫସଲ ବହୁତ ଖାଦ୍ୟସାର ଦରକାର କରିଥାଏ । ଲଗାଇବା ବେଳେ ଏକର ପ୍ରତି ହାରାହାରି ୧୬ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଏବଂ ୨୪ କି.ଗ୍ରା. ପୋଟାସ୍ ସାର ଦରକାର ହୋଇଥାଏ । ଲଗାଇବାର ୨୫ ଦିନପରେ ୧୬ କି.ଗ୍ରା. ଯବକ୍ଷାରଜାନ ଦେବା ଆବଶ୍ୟକ ଏହାର ୨୦ ଦିନପରେ ପୁଣି ୧୬ କି.ଗ୍ରା ଯବକ୍ଷାରଜାନ ଏବଂ ୨୪ କି.ଗ୍ରା. ପୋଟାସ୍ ସାର ଦେବାକୁ ହୋଇଥାଏ । ପ୍ରଥମେ ସାର ଦେଲାବେଳେ ବିହନ ଯେପରି ରାସାୟନିକ ସାରର ସଂସ୍ପର୍ଶରେ ନଆସେ ତାହାପ୍ରତି ଧ୍ୟାନ ଦେବା ଉଚିତ୍ ।